# ସୋନମର ଲଦାଖ!

ମନୀଷ ଲଖାନୀ



କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି



ମୁଁ ସୋନମ୍
ମୁଁ ଲଦାଖରେ ରୁହେ ।

ସୋନମ୍ ତା' ସାଙ୍ଗ ମନୀଷ ଲଖାନୀ ଏବଂ
ପୋଷା କୁକୁର ସହ ।



ମୁଁ ପଞ୍ଚମ ଶ୍ରେଣୀରେ ପାଠ ପଢ଼େ ।

ମୁଁ ମୋ ପରିବାରର ପାଶମିନା
ମେଣ୍ଢାଙ୍କ ଯତ୍ନ ମଧ୍ୟ ନିଏ ।



ମୁଁ ଚାଙ୍ଗପା ଜାତିର ।

ଆମେ ହେଉଛୁ ଯାଯାବର ପଶୁଚରାଳୀ ।



ଶୀତଦିନେ, ଲଦାଖରେ ସବୁ ବରଫ ହେଇଯାଏ
। ଏମିତିକି ବଡ଼ ବଡ଼ ଜଳପ୍ରପାତ ମଧ୍ୟ!



କିନ୍ତୁ ଗ୍ରୀଷ୍ମ ଦିନେ ଲଦାଖରେ ସବୁ ଉଷ୍ମ
ଏବଂ ରଙ୍ଗୀନ!



ଲଦାଖରେ ଏଇଟା ମୋର ପ୍ରିୟ୍ ହ୍ରଦ ।

ସୋ କର୍ ହ୍ରଦ ।



ମୁଁ ଖେଳିବାକୁ ଭଲପାଏ! ମୋ
ସାଇକଲ୍ ହେଉଛି ମୋର ପ୍ରିୟ ବନ୍ଧୁ ।



ହେଲେ ମୋ କୁନି ସାଙ୍ଗ ପେମା, ତା’ ପୋଷା ଛେଳି ସହ ଖେଳିବାକୁ ଭଲପାଏ ।



ମୋ ଜେଜେମା’ ସବୁବେଳେ କୁହେ
ମେଣ୍ଢା, ଛେଳି, କୁକୁର, ବାକ୍ସ ଭର୍ତ୍ତି
ଟଙ୍କାଠୁ ବି ବହୁ ଗୁଣରେ ଭଲ!



ଚମରୀ ଗାଈର ଉଲରେ
ତିଆରି ତମ୍ବୁରେ ଆମେ ରହୁ ।
ଏଇଟା ଆମର ରୋଷେଇ ଘର ।

ଚମରୀ ଗାଇମାନେ ଆମର ବନ୍ଧୁ ।
ସେମାନେ ଆମକୁ ଚାଷ କରିବାରେ ସାହାଯ୍ୟ କରନ୍ତି ।





ଲଦାଖରେ ଅନ୍ୟ
ପଶୁମାନେ ମଧ ଅଛନ୍ତି ।



ନମ୍ର ଘୋଡ଼ା ।



ବିରଳ ଉରାସିଆନ୍
ଓଟର୍ ।



ଶଙ୍କୁ, ହିମାଳୟର
ଗଧିଆ ।



ଲଦାଖରେ ଅନେକ ମଠ ଅଛି ।
ଏହା ହେଉଛି ଥିସୀ ମଠ । ଏହା
ସିନ୍ଧୁ ଉପତ୍ୟକାରେ ଅଛି ।



ଲଦାଖରେ ସବୁଠୁ ବଢ଼ିଆ କଥା ହେଉଛି
- ଏଠି ରାତିରେ କୋଳାହଳ ନ ଥାଏ,
ଆକାଶ ଚିକ୍‌ମିକ୍ ତାରାରେ ଭରିଯାଏ!



# ହିମାଳୟର ହୃଦୟ!

ତୁମ ସହରରୁ ଲଦାଖ ପର୍ଯ୍ୟନ୍ତ ରାସ୍ତା ଚିହ୍ନଟ କର ।

# ଚାଙ୍ଗପାମାନେ

ଚାଙ୍ଗପାମାନେ ବର୍ଷର ଅଧା ସମୟ ଭ୍ରମଣ କରନ୍ତି । ଅଧା ସମୟ ନିଜ ବାସସ୍ଥାନରେ ରୁହନ୍ତି । ସେମାନେ ହିମାଳୟର ତିବ୍ବତୀୟ ମାଳଭୂମି ଚାଙ୍ଗଥାଙ୍ଗରେ ବାସ କରନ୍ତି । ଏହି ବିଶାଳ ମାଳଭୂମି ତିବ୍ବତରୁ ଲଦାଖ ପର୍ଯ୍ୟନ୍ତ ବ୍ୟାପିଛି । ଏହା ହେଉଛି ପୃଥିବୀର ଅତ୍ୟଧିକ ଶୀତଳ ମରୁଭୂମି ମଧ୍ୟରୁ ଅନ୍ୟତମ ।

ମାଂସ ଏବଂ ପଶୁଲୋମ ବ୍ୟବସାୟ ପାଇଁ ଚାଙ୍ଗପାମାନେ ଗୋଟିଏ ଉପତ୍ୟକାରୁ ଅନ୍ୟ ଉପତ୍ୟକାକୁ ଭ୍ରମଣ କରିଥା'ନ୍ତି ।

ଚାଙ୍ଗପାମାନେ ପାଶମିନା ମେଣ୍ଢା ଏବଂ ଚମରୀ ଗାଇ ଲୋମରୁ ଅନେକ ପ୍ରକାରର ଜିନିଷ ବୁଣନ୍ତି ।



ଚାଙ୍ଗପାମାନେ ବାର୍ଲି, ଗହମ ଏବଂ ମଟର ଚାଷ କରନ୍ତି ।

# ଲଦାଖର ତରଳୁଥିବା ଗ୍ଲେସିୟର୍ (ହିମନଦୀ)।

ଲଦାଖରେ ବହୁତ ଗ୍ଲେସିୟର୍ ଅଛି । ସେଗୁଡ଼ିକ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପ୍ରଦୂଷଣ ବୃଦ୍ଧି ଏବଂ ଗଛ କଟା କାରଣରୁ ପୃଥିବୀ ଗରମ ହେବାରେ ଲାଗିଛି ଏବଂ ଲଦାଖରେ ଥିବା ଗ୍ଲେସିୟର ତରଳି ଯାଉଛି ।

## ଚିନ୍ତା କର

ଲଦାଖରେ ଗ୍ଲେସିୟର୍ ତରଳିବା ବନ୍ଦ କରିବାକୁ ହେଲେ ଆମେ ପ୍ରଦୂଷଣ କିପରି ହ୍ରାସ କରି ପାରିବା?

## ପଚାର

ପରିବେଶର ଯତ୍ନ ନେବା ପାଇଁ ଆମେ କ'ଣ କରିପାରିବା?

## ଆଲୋଚନା କର

ପ୍ରଦୂଷଣ ହ୍ରାସ ପାଇଁ ତୁମ ସାଙ୍ଗମାନଙ୍କ ସହ ଛଅ ମାସିକିଆ ଯୋଜନା ପ୍ରସ୍ତୁତ କର ।

# ପଦକ୍ଷେପ ନିଅ

ନିଜ କର୍ତ୍ତବ୍ୟ କର । ଅଳ୍ପ କିଛି ଜିନିଷରୁ ଆରମ୍ଭ କର ।

- ଯେତେ ସମ୍ଭବ ଚାଲ କିମ୍ବା ସାଇକେଲରେ ଯାଅ ।
- କମ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କର ।
- ଆବର୍ଜନା ପୁନଃଚକ୍ରଣ ବା ରିସାଇକଲ୍ କର ।
- କପଡ଼ା ବ୍ୟାଗ୍ ବ୍ୟବହାର କର । ପ୍ଲାଷ୍ଟିକକୁ "ନା" କୁହ ।
- ଗଛ ଲଗାଅ ।
- ସ୍ଥାନୀୟ ଅଂଚଳରେ ଉତ୍ପାଦିତ ଖାଦ୍ୟ କିଣ ଏବଂ ଖାଅ ।




ଆସ, ମୋତେ ନିଦାଖରେ ଦେଖ!

ମନୀଷ ଲଖାନୀ: ମନୀଷ ଲଖାନୀ ଜଣେ ଫଟୋଗ୍ରାଫର ଏବଂ ଦୁଃସାହସିକ ଯାତ୍ରା କରିବା ତାଙ୍କର ସଉକ । ସେ ତାଙ୍କ କ୍ୟାମେରା, ସାଇକଲ ଏବଂ ପର୍ବତକୁ ବହୁତ ଭଲ ପାଆନ୍ତି । ପର୍ବତ ପ୍ରତି ତାଙ୍କର ଭଲ ପାଇବା ତାଙ୍କୁ ଅନେକ ଥର ଲଦାଖକୁ ନେଇ ଯାଇଛି ।

# KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" — ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" — ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" — ଟାଇମ୍ ଆଉଟ୍

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, — ପେପରଟାଇଗର୍ସ

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍©କଥା, 2017, 2021
ଲେଖା କପିରାଇଟ୍©ମନୀଷ ଲଖାନୀ
ଫଟୋଗ୍ରାଫ୍ କପିରାଇଟ୍©ମନୀଷ ଲଖାନୀ
A3, ସର୍ଭୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

**ଆମର ଲକ୍ଷ**: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!
"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।
ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।




ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ








































FOR OUR BOOKS

www.books.katha.org

"କାହାଣୀ ମାଧ୍ୟମରେ
ଭାରତର ବିବିଧ ସଂସ୍କୃତି
ପରିଚୟ। "
- ଦ ପାୟୋନିର୍

ପିଲାମାନଙ୍କ ପାଇଁ
ଗୋଟିଏ କଥା ବହି

ISBN 978-93-88284-81-3

www.katha.org

XXX

ଇଣ୍ଡିଗୋ ସିରିଜରେ

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ